# ପତ୍ନୀଙ୍କୁ ମାଡ଼ ମାରିବା ଅଭିଯୋଗରେ ସ୍ୱାମୀ ଗିରଫ

କଟକ,୨୨।୫/ଏନ୍ଏନ୍ଏସ୍ : ପରକୀୟା ପ୍ରୀତିକୁ କେନ୍ଦ୍ର କରି ପତ୍ନୀଙ୍କୁ ମାଡ଼ ମାରିବା ଘଟଣାରେ ସ୍ୱାମୀକୁ ଲାଲବାଗ ଥାନା ପୁଲିସ ଗିରଫ କରିଛି । ପୁଲିସ ସୂତ୍ରରୁ ପ୍ରକାଶ ଯେ, ସେକ୍ ରାଜୀବ(୩୮) ଶେଖ ବଜାର ଅଞ୍ଚଳର ଅଫସାନା ବେଗମଙ୍କୁ ବିବାହ କରିଥିଲେ। ତେବେ ପରକୀୟା ପ୍ରୀତିକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା । ସ୍ଥାନୀୟ ଅଞ୍ଚଳର ଜଣେ ମହିଳାଙ୍କ ସହ ରାଜୀବଙ୍କ ଅନୈତିକ ସମ୍ପର୍କ ଥିବାର ଜାଣି ଅଫସାନା ବିରୋଧ କରୁଥିଲେ । ଗତକାଲି ଔଷଧ ଆଣିବାକୁ ଦୋକାନକୁ ଯାଉଥିବା ପତ୍ନୀଙ୍କୁ କହି ରାଜୀବ ଉକ୍ତ ମହିଳାଙ୍କ ନିକଟକୁ ଯାଇଥିଲେ । ମାତ୍ର ବହୁ ସମୟ ପର୍ଯ୍ୟନ୍ତ ରାଜୀବ ଘରକୁ ନଫେରିବାରୁ ଅଫସାନା ତାଙ୍କୁ ଫୋନ୍ କରିଥିଲେ ମଧ୍ୟ ଯୋଗାଯୋଗ ସମ୍ଭବପର ହୋଇନଥିଲା । ଇତି ମଧ୍ୟରେ ଅଫସାନାଙ୍କ ସନ୍ଦେହ ବଢ଼ିବାରୁ ସେ ସିଧାସଳଖ ଉକ୍ତ ମହିଳାଙ୍କ ଘରେ ପହଞ୍ଚି ଯାଇଥିଲେ। ତେବେ ସେଠାରେ ରାଜୀବଙ୍କୁ ଦେଖିବା ପରେ ଅଫସାନାଙ୍କ କ୍ରୋଧ ଆହୁରି ବଢ଼ିଯାଇଥିଲା । ଏହାପରେ ସେହିଠାରେ ହିଁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କଳି ଜୋରଦାର ହୋଇଥିଲା । ଅଫସାନା ସେଠାକୁ ଆସିଥିବାରୁ ରାଜୀବ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ । ଏହାପରେ ରାଜୀବଙ୍କ ରାଗ ଶାନ୍ତ ପଡ଼ିନଥିଲା । ସେ ଏକ ଛୁରୀରେ ଅଫସାନାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ । ଏତିକିବେଳେ ସ୍ଥାନୀୟ ଲୋକମାନେ ଅଫସାନାଙ୍କୁ ଉଦ୍ଧାର କରି ଘଟଣା ବିଷୟରେ ଲାଲବାଗ ଥାନାକୁ ଜଣାଇଥିଲେ। ଏହି ଘଟଣାକୁ ନେଇ ଅଫସାନାଙ୍କ ଏତଲା କ୍ରମେ ଲାଲବାଗ ପୁଲିସ ଏକ ମାମଲା ରୁଜୁ କରି ଆଜି ରାଜୀବଙ୍କୁ ଗିରଫ କରିଥିବାର ଜଣାପଡ଼ିଛି ।